ମିମିର କବିତା

କଳିଙ୍ଗ କନ୍ୟା

Source: Author, Digitized by PPRACHIN, SOA

ନୀତିର କବିତା

କୁମାରୀ କଳିଙ୍ଗ କନ୍ୟା

ISBN No. - 81-87968-15-X

ଅରୁଣ-ତରୁଣ
ରାଉରକେଲା-୪୨

Source: Author, Digitized by PPRACHIN, SOA

ମିନିର କବିତା

ରଚନା — *କୁମାରୀ କଳିଙ୍ଗ କନ୍ୟା*

ପ୍ରକାଶକ — ଅରୁଣ-ତରୁଣ

ଆକାଶବାଣୀ ମାର୍ଗ, ରାଉରକେଲା - ୭୬୯୦୪୨

ଫୋନ - ୦୬୬୧/୪୪୭୦୩୯୬

ଡି.ଟି.ପି. — ଭେଙ୍ଗ୍ରା ଗ୍ରାଫିକ୍ସ,

ରାଉରକେଲା-୫, ଫୋନ-୪୬୪୬୯୫୩

ମୁଦ୍ରଣ — ଜଗନ୍ନାଥ ପ୍ରୋସେସ୍, ତଗରପଡ଼ା, କଟକ

ପ୍ରଥମ ସଂସ୍କରଣ: ୨୦୦୨

ମୂଲ୍ୟ — ୧୫ ଟଙ୍କା

MINIRA KAVITA *by Kumari Kalinga Kanya*

Source: Author, Digitized by PPRACHIN, SOA

ପ୍ରମାଣ ପତ୍ର

[redacted]/କୁମାରୀ ....କଳିଙ୍ଗ କନ୍ୟା ... ପିତା: ଡକ୍ଟର କୁଳମଣି ନାୟକ........

ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗ ଆନୁକୂଲ୍ୟରେ ଦି ପୋଏଟ୍ରି ସୋସାଇଟି (ଇଣ୍ଡିଆ) ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ ୨୬ ରୁ ୨୮ ଡିସେମ୍ବର ୨୦୦୧ ପର୍ଯ୍ୟନ୍ତ ଆୟୋଜିତ ଓଡ଼ିଶାର ଯୁବଛାତ୍ର କବିଙ୍କପାଇଁ ଉଦ୍ଦିଷ୍ଟ ସୃଜନାତ୍ମକ କବିତା ରଚନା କର୍ମଶାଳାରେ ଯୋଗଦେଇ ସଫଳତାର ସହିତ କାର୍ଯ୍ୟସମ୍ପନ୍ନ କରିଛନ୍ତି ।

CERTIFICATE

This is to certify that Mr/Ms ......Kalingakanya..........

......S.B.Women's College, Rourkela..........

has successfully participated in the Creative Writing Workshop in Oriya for Young Student Poets of Orissa organised by Regional Institute of Education, Bhubaneswar and The Poetry Society (India), New Delhi under the auspices of the Ministry of Human Resource Development, Govt. of India held at R.I.E. Bhubaneswar from 26th to 28th Dec 2001.

Prof. V. K. Sunwani, Programme Coordinator | Dr. J.P. Das, Poetry Society (India) | Prof. M.A. Khader, Principal, R.I.E. Bhubaneswar

ଶୁଭ କାମନା

କବିତା
ଜୀବନର ଛବି
ତା' ଜୀବନକୁ ସୁନ୍ଦର କରେ କବିତା
ଏବଂ
କବିତାରେ ମଧୁମୟ ହୁଏ ଜୀବନ
'ତମର ଜୀବନ କବିତାମୟ ହେଉ ।'

ପ୍ରଫେସର ଡକ୍ଟର ଖଗେଶ୍ୱର ମହାପାତ୍ର
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଓଡ଼ିଆ କବିତାରେ "କଳିଙ୍ଗ କନ୍ୟା" ଏକ ବିସ୍ମୟ! ସମସାମୟିକ କାବ୍ୟଶୈଳୀରେ କେବଳ ନୁହେଁ। ଚେତନାରେ ମଧ୍ୟ ତାଙ୍କ କବିତାଗୁଡ଼ିକ ସାଂପ୍ରତିକ ଜୀବନବୋଧର ପରିଚାୟକ। ଏତେ କମ୍ ବୟସରୁ କବିତା ପରି କଠିନ କଳାର ପରିପ୍ରକାଶ କରିବା, ପୁଣି ତାହାକୁ ସ୍ୱଭାବ ସୁନ୍ଦର ଭାବରେ ଉପସ୍ଥାପନା କରିବାର ଦକ୍ଷତା ଯେକୌଣସି ପାଠକକୁ ବିସ୍ମୟାଭିଭୂତ କରିଦିଏ। ଏପରି ପ୍ରଦୀପ୍ତ ପ୍ରତିଭାର ଅଧିକାରିଣୀ ସୁଶ୍ରୀ କଳିଙ୍ଗ କନ୍ୟାଙ୍କର ଏହି ପ୍ରଥମ କବିତା ସଂକଳନ ତାଙ୍କ ସୃଜନଶକ୍ତିର ଅନ୍ୟତମ ବଳିଷ୍ଠ ଦୃଷ୍ଟାନ୍ତ। କବିଙ୍କର ବୟସର କଳନା କରିହୁଏ ନାହିଁ ତାଙ୍କ କବିତାରୁ। ବୟସ ତୁଳନାରେ କବିତାର ଭାବ ଚେତନା ଅନେକ ଆଗରେ। ଏପରି ପରିପକ୍ୱ ମାନସିକତା ଓଡ଼ିଆ କବିତା ରାଜ୍ୟରେ ବିରଳ। ପ୍ରାୟ ଦେଢ଼ ବର୍ଷ ତଳେ କଳିଙ୍ଗ କନ୍ୟାଙ୍କର ଗୋଟିଏ କବିତା ପ୍ରଥମେ ମୋ ଦୃଷ୍ଟିକୁ ଆସିଥିଲା। କବିତାର ନାମ ଥିଲା 'ସ୍ମୃତି'। ଆଶ୍ଚର୍ଯ୍ୟ ଲାଗିଥିଲା, କବିତାଟି ଯେ ୧୮ ବର୍ଷ ବୟସର ଝିଅଟିଏ ଲେଖିପାରିଛି, ଏ କଥା ସହଜରେ ବିଶ୍ୱାସ କରିହେଲା ନାହିଁ। 'ସ୍ମୃତି' ପରି ଏକ ସମ୍ବେଦନଶୀଳ ଅନୁଭୂତିକୁ ଅତି ସୁନ୍ଦର ଭାଷା ବିନ୍ୟାସରେ ଉପସ୍ଥାପନା କରି ପାରିଛନ୍ତି ସେ। 'ସ୍ମୃତି' ଅପାସୋର। ସ୍ମୃତିକୁ ଜୀବନ୍ତ କରି ରଖିବା ପାଇଁ ବହୁ କଷ୍ଟ, ଯନ୍ତ୍ରଣା ସହିବାକୁ ହୁଏ। ଏପରିକି ସମାଜର ଅପବାଦକୁ ବି। ସେଥିପାଇଁ କବି କହନ୍ତି - "ସ୍ମୃତି ଗୁଡ଼ିକ ଯଦି/ ମୋର ହୋଇ/ ଛନ୍ଦି ହୋଇ ନଥାନ୍ତେ/ ଅନ୍ୟ କାହା ସ୍ମୃତିରେ/ ଆଜି ମୁଁ ବାନ୍ଧି ହୋଇ ନଥାନ୍ତି/ ସମାଜର କଠୋର ଶିକୁଳିରେ/ ନିଜର ହାତକୁ ଦେଇ।"

ବିସ୍ମୟ କବି କଳିଙ୍ଗ କନ୍ୟାଙ୍କର ଜୀବନ ହେବ କାବ୍ୟମୟ - ନୂତନତାର ଝଲକରେ ପ୍ରତିଟି କବିତା ତାଙ୍କର ହେବ ବିସ୍ମୟର କବିତା। ଏତିକି ମୋର ବିଶ୍ୱାସ।

ଅଧ୍ୟାପକ ସନତ୍ ରାୟ
ସଭାପତି, କଲଚରାଲ ଏକାଡେମୀ
ରାଉରକେଲା

Source: Author, Digitized by PPRACHIN, SOA

ନବସୃଜନର ଆଶା

ମନୁଷ୍ୟ ସମାଜକୁ ଭଲ ପାଇବାରେ ମିଳେ ପରମ ଆନନ୍ଦ। ଏଇଥିପାଇଁ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ। ଭାବରେ ମନୁଷ୍ୟ କରିନିଏ ଜୀବିକାକୁ ପୁନଶ୍ଚ ଭଲ ପାଏ ଜୀବନକୁ। ଜୀବନ ଶୈଳୀରେ ବିକଶିତ ହୁଏ କଳା ଓ ସାହିତ୍ୟ। ସାହିତ୍ୟର ଶାନ୍ତ କୋମଳ ବିଭାଗ ମଧ୍ୟରେ ଝଲସି ଉଠେ କବିତା। ଏମିତି ଜୀବନକୁ ଭଲ ପାଇବାର ମୋହ ରୂପାନ୍ତରିତ ହୋଇଯାଏ ସାଧନାରେ। ଏଇକ୍ରମରେ କଳିଙ୍ଗ କନ୍ୟାଙ୍କର ସାଧନାପଦ୍ଧତି ବିଚାର୍ଯ୍ୟ। ନିଜ ଜୀବନ ପୁଣି ସମାଜର ମଙ୍ଗଳ ନିମନ୍ତେ ତାଙ୍କର ଉଚ୍ଚାରଣ ସତତ ପ୍ରତିଧ୍ୱନିତ। ସେଇ ଧ୍ୱନିର ତରଙ୍ଗରେ ମୁଗ୍ଧ ହୋଇଯାଏ ଜନମାନସ। ତାହାକୁ କାବ୍ୟିକ ଆନନ୍ଦ ବୋଲି କୁହାଯାଇପାରେ; କାବ୍ୟ କଳାର ଆକର୍ଷଣରେ ବ୍ୟଗ୍ର ହୋଇ ଉଠେ ପାଠକର ଆଗ୍ରହ। କବି ଜଗତରେ ପାଠକର ମନ ବିଚରଣ କଲା ପରେ ସ୍ଥିର ହୋଇଯାଏ ଭାବ ବିଗ୍ରହ ନିକଟରେ।

କଳିଙ୍ଗ କନ୍ୟାଙ୍କର ଭାବ ବିଗ୍ରହ ମନୋମୟ ଶବ୍ଦ ମଣ୍ଡପରେ ପ୍ରତିଷ୍ଠିତ। ଚିତ୍ରକଳ୍ପର ପୁଷ୍ପରେ ସୁଶୋଭିତ। ଅନେକ ବକ୍ତବ୍ୟରେ ନିର୍ମିତ ସେହି ପ୍ରତିମା। ଲେଖିକା ପରିଚୟ କରେଇ ଦେଇଛନ୍ତି ନିଜର ଭାଷାରେ। ହାସ୍ୟ, ଅଶ୍ରୁ, ପ୍ରେମ, ହତାଶା ଓ ବଞ୍ଚିବାର ମୋହ ସୂଚିତ ହୋଇଛି ସଂକ୍ଷେପରେ। ତାଙ୍କର ନବସୃଜନ ଆଶାରେ ପଲ୍ଲବିତ ହୋଇଛି ସପନର କଳ୍ପତରୁ। ସରଳ ଲଳିତ ଶବ୍ଦ ପୁଣି ପ୍ରତୀକାତ୍ମକ ବାକ୍‌ଭଂଗୀରେ ଆମେ ଦେଖିବାକୁ ପାଉ ତାଙ୍କର ଜୀବନ ଦର୍ଶନ। ନୂଆ ନୂଆ ଢଙ୍ଗରେ ତାଙ୍କର ଆବେଦନ ବାରି ହୋଇପଡ଼େ ସ୍ୱତନ୍ତ୍ର କଳାରେ। ସମସ୍ତ କବିତା ଚିହ୍ନା ଜଣା ପରି ନିଜ ନିଜ ଠାଣିରେ କୁସୁମିତ। ମହକରେ ଆମୋଦିତ ହୋଇଯାଏ ବିବେକୀ ଗ୍ରାହକର ମନ। କୁମାରୀ କଳିଙ୍ଗ କନ୍ୟାଙ୍କର ଭାବ ପ୍ରତିମା ଏ କାଳରେ ବଞ୍ଚି ରହିବ ସହୃଦୟ ଭାବେ।

ତା.୧୭.୧୦.୨୦୦୨ — *କବିବର ପରିଡ଼ା*

Source: Author, Digitized by PPRACHIN, SOA

ମିନିର କବିତା ସଂପର୍କରେ

କେଉଁ ଆବହମାନ କାଳରୁ ଆମ ମାଟିର ବାସ୍ନା ବିଚ୍ଛୁରିତ ହେଉଛି ସମଗ୍ର ବିଶ୍ୱରେ। ଏ'ମାଟି ଜନ୍ମ ଦେଇଛି ଅନେକ କଳା, ସାହିତ୍ୟ ଓ ଭାସ୍କର୍ଯ୍ୟରେ ନିପୁଣ ସ୍ରଷ୍ଟାମାନଙ୍କୁ। ତା'ର ପ୍ରବହମାନ ଧାରା ଏବେ ବି ଉଜ୍ଜିବୀତ ହେଉଛି। ଆମରି ଭାଷା, କଥା, ବ୍ୟଥା, ଉଲ୍ଲାସ ଓ ପ୍ରେମର ସଜଳ ଚିତ୍ରକୁ ଲିପିବଦ୍ଧ କରି ଜନମାନସରେ ନୂତନ ଚିନ୍ତା ଓ ଚେତନାର ବିକାଶ ଘଟାଇବା ପାଇଁ ଆଜି ବି ତତ୍ପର ଆମ କବିମାନେ।

ତନ୍ମଧ୍ୟରୁ "ମିନି" କଳିଙ୍ଗ କନ୍ୟା ଅନ୍ୟତମା। ଏକ ଅପହଞ୍ଚ ବୟସକୁ ନେଇ ସେ ପହଞ୍ଚି ପାରିଛି ବିଶ୍ୱ ଜୀବନର ପ୍ରତିଟି କୋଣ ଅନୁକୋଣରେ। ତା'ର ଅନୁଭବର ଗଭୀରତାକୁ ମାପି ବସିଲେ ବିଶ୍ୱାସ କରି ହେବନି ଯେ ତା'ର ବୟସ ମାତ୍ର କୋଡ଼ିଏ ବୋଲି।

'ମିନିର କବିତା' ଭିତରେ ଏକ ଅନିର୍ବଚନୀୟ ନୀରବତା ସତେ ଯେମିତି ଅନେକ ଅକୁହା କଥାକୁ ଘୋଡ଼ାଇ ରଖିଛି ତା'ର ଆଙ୍ଗୀକ ଛଟାରେ। ଆବରଣର ଖୋଳପାକୁ ଆସ୍ତେ ଆସ୍ତେ ଖୋଲି ନିଜର ପରିପକ୍ୱ ଭାବକୁ ତା'ର କାବ୍ୟାତ୍ମା ସହିତ ଏକାକାର କରିପାରିଲେ ଯାଇ ଅଦୃଶ୍ୟ ବକ୍ତବ୍ୟ ଆବିଷ୍କୃତ ହୋଇପାରିବ।

ଅଧିକାଂଶ କବିତାରେ ଯେଉଁ ଅସମାହିତ, ଅମୀମାଂସିତ ସମସ୍ୟାମାନଙ୍କୁ ତା' କବିତାର ବଳୟ ଭିତରେ ଆବଦ୍ଧ କରିଛି, ସେଥିରୁ ତା'ର ଚେତନତାର ସମୃଦ୍ଧ ପଣିଆଁ ବେଶ ବାରି ହୋଇପଡ଼େ। ସେ ଆଉ ମିନିର 'ନାନା ବାୟା ଗୀତ' ବା ବାଲ୍ୟ ଚପଳତାର ଅଭିବ୍ୟକ୍ତି ନୁହେଁ। ତା' ହେଉଛି 'କଳିଙ୍ଗ କନ୍ୟା'ର ବୌଦ୍ଧିକ ଚେତନାର ବକ୍ତବ୍ୟ।

ଯେମିତି କବି କହିଛନ୍ତି-

ନେଇ ଯାଅ ମୋତେ ସେହିଠାକୁ-
ଯେଉଁଠି ମୁଁ ଉଡ଼ି ଉଡ଼ି ବୁଲିବି
ତୁମ ବକ୍ଷ ଛୁଇଁ/ ତୁଡ଼ି ତୁଡ଼ି ନାଚିବି
ତୁମ ଗଭୀରତା ଛୁଇଁ/ ଲୁଚି ଲୁଚି ଜିଇଁବି,
କେବଳ ତୁମରି ପାଇଁ ।। (ଦୂରତା)

ଏମିତି କବିଙ୍କ ଅନେକ କବିତାର ପଂକ୍ତି 'ଉତ୍ତମ ଜନେ ଛାୟା ବିମ୍ବ ବତ' ବୃତ୍ତରେ ପାଠକେ ଅନୁଭବ କରିବେ।

କବିତାରେ ସମ୍ଭାବନାମୟ ମୁହଁ, ବେଶ ସୁସ୍ପଷ୍ଟ।

ଈଶ୍ୱର ତା'ର ସୃଜନଶୀଳତାକୁ ଆଗେଇ ନେବାରେ ସହାୟକ ହୁଅନ୍ତୁ ଏତିକି କାମନା କରୁଛି।

କବି ରାଜୀବ ପାଣି
ପୂର୍ବତନ ସଭ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ରାଉରକେଲା- ୧୫

Source: Author, Digitized by PPRACHIN, SOA

ସୂଚୀପତ୍ର

୧.	ବର୍ଷାରାଣୀ	୭
୨.	ଅହଲ୍ୟା	୮
୩.	ମିଛ	୯
୪.	କାଜର ବିନ୍ଦୁ	୧୦
୫.	ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ	୧୧
୬.	ଜୀବନ ଯନ୍ତ୍ରଣା	୧୨
୭.	ଏକାଏକା	୧୩
୮.	ଏଣ୍ଡୁଅ	୧୪
୯.	ନୂଆ ଢଙ୍ଗ	୧୫
୧୦.	ଧ୍ରୁବ ଲକ୍ଷ୍ୟ	୧୬
୧୧.	ଦୃଢ଼ତା	୧୭
୧୨.	ମୁଁ ଚାହେଁ	୧୮
୧୩.	ଭିନ୍ନ ପରିଚୟ	୧୯
୧୪.	ଛଳନା	୨୦
୧୫.	ପରିତ୍ୟକ୍ତା	୨୧
୧୬.	ଫେରିଆସ	୨୨
୧୭.	ମୋ ପ୍ରଶ୍ନର ଉତ୍ତର	୨୩
୧୮.	ପ୍ରେମ	୨୪
୧୯.	ପ୍ରତିଶ୍ରୁତି	୨୫
୨୦.	ସ୍ମୃତି	୨୬



୨୧.	ସବୁ ମୋତେ ଦେଇଛ	୨୮
୨୨.	ନିସର୍ଗ ରାତ୍ରିର ସ୍ତବ୍ଧତା	୨୯
୨୩.	ଗଛ	୩୦
୨୪.	ଲୁଚକାଳି	୩୧
୨୫.	ଫୁଲ	୩୨
୨୬.	ଚିହ୍ନା-ଅଚିହ୍ନା	୩୩
୨୭.	ବାଲି ଘର	୩୪
୨୮.	ପାହାଚ	୩୫
୨୯.	ତୁମେ ଗଲେ	୩୬
୩୦.	ଦୁର୍ବାସା	୩୭
୩୧.	ଛାଇ	୩୮
୩୨.	ରାମରାଜ୍ୟ	୩୯
୩୩.	ନିଆଁ	୪୦
୩୪.	ଜୀବନର ସତ୍ୟ	୪୧
୩୫.	ସ୍ୱର୍ଣ୍ଣ	୪୨
୩୬.	ହା-ଅନ୍ନ	୪୩
୩୭.	ଅଘଟଣ	୪୪

Source: Author, Digitized by PPRACHIN, SOA

ବର୍ଷାରାଣୀ



ଗୋ ବର୍ଷାରାଣୀ !
ମେଘ ଯାନରେ ବସି,ସ୍ୱର୍ଗର ଐଶ୍ୱର୍ଯ୍ୟ ଛାଡ଼ି
ଓହ୍ଲାଇ ଆସ ଧରାକୁ
ଭିଜାଇ ଦିଅ ମାଟିକୁ, ଭିଜାଇ ଦିଅ ଗଛଲତାକୁ ।
ମେଣ୍ଟାଇ ଦିଅ ଚାତକର ତୃଷ୍ଣାକୁ
ଭରିଦିଅ ନଦୀ,ନାଳ ଓ ସମୁଦ୍ରକୁ
ଭିଜେଇ ଦିଅ ନବ କିଶୋରୀର ହୃଦୟକୁ,
ତା'ର ଅଧା ଭିଜା ସ୍ୱପ୍ନକୁ।
ଖରାର ତାତିରେ ଛଟପଟ ହେଉଥିବା
ପଶୁ-ପକ୍ଷୀ ପାଇଁ,
ମୁଣ୍ଡରେ ହାତ ଦେଇ ବସିଥିବା କୃଷକ ପାଇଁ,
ବାହାରେ ହମ୍ବା ରଡ଼ି ଛାଡୁଥିବା ଟିକି ବାଛୁରୀ ପାଇଁ -
ପତ୍ରଝଡ଼ା ଦେଉଥିବା ଥୁଣ୍ଟା ବରଗଛ ପାଇଁ,
ରାସ୍ତାରେ ହନ୍ତସନ୍ତ ହେଉଥିବା ବୃଦ୍ଧ ପଥିକ ପାଇଁ,
ଲମ୍ବା ଜିଭ କାଢ଼ି ଧକଉଥିବା ବୁଲା କୁକୁର ପାଇଁ
ଆଉ କିଛି ପୃଥିବୀର ସୌନ୍ଦର୍ଯ୍ୟ ପାଇଁ,
ଭିଜାଇଦିଅ ଏ ମାଟିକୁ,
ତୁମ ଶୀତଳ,କୋମଳ
ରୂପାବିନ୍ଦୁର ସ୍ପର୍ଶରେ
ଶସ୍ୟ ଶ୍ୟାମଳା ହୋଇ ଉଠୁ ଚତୁର୍ଦ୍ଦିଗ ।
ଭରିଯିବ ନବ ଉନ୍ମାଦନା
ଟିକି ଝରଣାର ସ୍ରୋତରେ,
ବେଙ୍ଗ ବେଙ୍ଗୁଲିଙ୍କ ହୁଳହୁଳିରେ
ପ୍ରକମ୍ପିତ ହେବ ଦେହ ମନ।
ଝରିପଡ଼ ତୁମେ ଏ' ଧରାରେ,
ଢାଙ୍କିଦିଅ ଏ ପୃଥିବୀକୁ
ତୁମ ଫେନୀଳ ଓଢ଼ଣୀ ତଳେ।

❋

Source: Author, Digitized by PPRACHIN, SOA

ଅହଲ୍ୟା



ଆଜି ମୁଁ ଅହଲ୍ୟା ।
ତୁମ ସ୍ପର୍ଶରେ ପାଇଯିବି ମୁକ୍ତି-
ଅଭିଶପ୍ତା ପଥରର ମୂର୍ତ୍ତିରୁ ।
ଉଠି ଆସିବି ଜୀବନ୍ୟାସ ପାଇ ।
ଫେରିଯିବି ମୋ ଜୀବନର
ଅଧା ଖୋଲା ପୃଷ୍ଠାକୁ ।

ଯାହାର ଶେଷ ହେବା ପୂର୍ବରୁ ରହିଯାଇଛି-
ଅନେକ ଗୁଡ଼ିଏ କମା ଓ ପୂର୍ଣ୍ଣଛେଦ ।
ପଲ୍ଲବିତ ହେବ ସ୍ୱପ୍ନର କଳ୍ପତରୁ
ଠରାଠରି ହେବେ ଉଆଁସି ରାତିର ତାରା,
ହସି ଉଠିବେ ଧରାରେ
ପାରିଜାତ ପୁଷ୍ପ,
ବିଛି ହୋଇଯିବ ଦୂର ଆକାଶରେ
ବାଳ ସୂର୍ଯ୍ୟର ପ୍ରଥମ ଛିଟା ।

Source: Author, Digitized by PPRACHIN, SOA

ମିଛ

ତୁମ କହିଥିବା ଶବ୍ଦଗୁଡ଼ିକ ଯେବେ
ମିଛର ପୋଷାକରେ ଢ଼ାଙ୍କିଦିଅନ୍ତି -
ନିଜର ସତ୍ତାକୁ,
ନାଚିଉଠନ୍ତି ପ୍ରବଞ୍ଚନାର ଅଳଙ୍କାର ପିନ୍ଧି,
ଚାଲି ଆସନ୍ତି ମୋ ସାମ୍ନାକୁ
ପ୍ରେତର କଂକାଳରେ
ନିଜର ବିକଟାଳ ରୂପକୁ ନେଇ-
ଲାଗିଯାଏ ନିଆଁ ଏ ତନୁରେ,
ମନର କୋଣାନୁକୋଣରେ।
ଜଳିଯାଏ ସବୁ ସ୍ନେହ ଓ ପ୍ରୀତି,
ଭସ୍ମିଭୂତ ହୋଇଯାଏ-
ମନର ହାତରେ ଗଢ଼ା ଯେତେସବୁ ସ୍ୱପ୍ନ,
ହୁଗୁଳା ହୋଇଯାଏ-ବାକିସବୁ ବନ୍ଧନ,
ଦପ୍‌ଦପ୍ କରେ ଶ୍ମଶାନରେ-
ଅଧାପୋଡ଼ା ହାଡ଼
ଆଉ.....
ରାତିର ନିର୍ଜନତାରେ ଭାସିଆସେ
'ହୁକେ-ହୋ'ର ଡାକ।

*

Source: Author, Digitized by PPRACHIN, SOA

କାକର ବିନ୍ଦୁ

ସକାଳର ଶୀତଳତାରେ
ଝରିପଡ଼ି ବିଛି ହୋଇ ଯାଇଛି
ଥଣ୍ଡା କାକରର ବିନ୍ଦୁ।
ହୁଏତ...
ସୂର୍ଯ୍ୟର କିରଣରେ
ଝଲମଲ ହେବାପରେ ମିଶିଯାଇ ପାରେ
ମାଟିରେ, ଅବା-
ଦଳି ହେଇପାରେ
କାହା ପାଦତଳେ,
କିନ୍ତୁ...
ଅପେକ୍ଷା ଅଛି ସେଦିନର,
ଯେବେ...
କେହି ଜଣେ ତୋଳି ନେବ
ଅନାବନା ଘାସରୁ
ନିଜ ହାତର ଉଷ୍ମତାକୁ,
ସାଇତି ରଖିବ ସ୍ନେହରେ
ନିଜ ମନର ଶାମୁକାରେ
ପୁଷ୍ୟା ନକ୍ଷତ୍ରର ବେଳାରେ।

Source: Author, Digitized by PPRACHIN, SOA

ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ

ଭାବି ନିଅ ପୁଣି ଥରେ
ତୁମ ଭବିଷ୍ୟତର
ଅଚିହ୍ନା ମୁହଁକୁ,
ତା' ଉପରେ ଲାଗି ଯାଉଥିବା
ବର୍ତ୍ତମାନର ଦାଗକୁ
ଗାଢ଼ହୋଇ ଯାଉଥିବା
ଅତୀତର ରେଖାକୁ
ହୁଏତ...
ଏ ଚିହ୍ନା ଚିହ୍ନା ମୁହଁଟା
ଅଚିହ୍ନା ହୋଇଯିବ ।
ଛାଇ ଅନ୍ଧାରରେ,
ଛୋଟ ଛୋଟ ଦାଗ
ପର୍ବତର ଆକାର ନେବ
କାଳର କରାଳ ସ୍ରୋତରେ
ରେଖାଗୁଡ଼ିକ ଟଣା ହୋଇଯିବ
ଲକ୍ଷ୍ମଣ ତୀରରେ-
ଅନ୍ୟ କାହା ବନ୍ଧନରେ ।
ବହି ଆସ ତୁମେ
ମୋ ଅପେକ୍ଷାର ଧାରରେ-
ଅତୀତରୁ ଭବିଷ୍ୟତ ଯାଏ
ବର୍ତ୍ତମାନର ରାସ୍ତା ଦେଇ ।
ଲିଭେଇ ଦେବାକୁ
କଷଣର ରେଖା,
ଦେଇଯିବାକୁ ଜୀବନ୍ୟାସ ଏବଂ
ଖେଳେଇ ଦେବାକୁ
ସୂର୍ଯ୍ୟର ରକ୍ତିମ ଆଭା
ଯେଉଁଠି ଥିବ କେବଳ-
ବିଶ୍ୱାସ ସହିତ ଅନୁରାଗ,
ଯାହାର ଅନ୍ୟ ନାମ-
ଅନାବିଳ ପ୍ରେମ ।



Source: Author, Digitized by PPRACHIN, SOA

ଜୀବନ ଯନ୍ତ୍ରଣା

ଜୀବନର ମାନେ ଯଦି
ତିଳତିଳ ହୋଇ ଜଳିବା,
ଯନ୍ତ୍ରଣାକୁ ବୁକୁ ତଳେ ଚାପିରଖି
ମୃଣ୍ମୟର ରୂପ ନେବା,
ଗରଳ ପାନ କରି ଅମୃତ ବିତରିବା,
ନିଜକୁ ଖିନଭିନ କରି
ଅନ୍ୟ ପାଇଁ
ଅଜାଡ଼ି ଦେବା,

ପ୍ରସ୍ତରର ପ୍ରାସାଦ ଛାଡ଼ି
କାଚଘରକୁ ଆପଣେଇବା,
ତେବେ, ଧରି ନେବାକୁ ହେବ -
କେତେ ଜଣ ବଞ୍ଚିବାକୁ ଚାହିଁ ମଧ
ପାରି ନାହାନ୍ତି,

ପୁଣି ଆଉ କେତେଜଣ
ମରିବାକୁ ଚାହିଁ ବଞ୍ଚିଯାଇଛନ୍ତି
ଏବଂ ବୁଝି ଯାଇଛନ୍ତି-
ଜୀବନର ଅନ୍ୟ ନାମ ଯନ୍ତ୍ରଣା ।

Source: Author, Digitized by PPRACHIN, SOA

ଏକାଏକା

ଏଇମିତି ଚାଲୁଚାଲୁ
ଦିନ ସରିଯାଏ,
ସୂର୍ଯ୍ୟ ଶୋଇଯାଏ
କଳା କମ୍ବଳର ଉଷ୍ମତା ଭିତରେ
ନିଜକୁ ଢାଙ୍କି ।

ତଥାପି...
ତା' ଚିରା କମ୍ବଳର ଫାଙ୍କରୁ
ଉଙ୍କି ମାରନ୍ତି କିରଣର ରେଣୁମାନେ ।
କିଛିଟା ତାରାହୋଇ
ଆଉ ଖଣ୍ଡେ ଜହ୍ନ ହୋଇ ।

ସାରା ରାତି ପଡ଼ିଥିଲେ ବି
ଶୋଇ ପାରେନି ସେ
ନିଶ୍ଚିନ୍ତ ହୋଇ ।



ଉଠିପଡେ,ଆଖି ମଳେ
ତା' ଆଖିର ନାଲିରେ
ରଂଗିନ୍ ହୋଇଯାଏ ଆକାଶ,
ଅଳସତା ଛାଡ଼ି ଉଠିଆସେ ବିଛଣା ଉପରୁ ।

ପୁଣିଥରେ ପ୍ରସ୍ତୁତ ହୁଏ,
ଯିବାକୁ ହେବ କାହିଁ କେତେ ବାଟ
ଯୁଗ ଯୁଗ ଧରି ,
ଏଇମିତି ଏକାଏକା ବିରହର ଜ୍ୱାଳା ସହି ।

❋

Source: Author, Digitized by PPRACHIN, SOA

ଏଣ୍ଡୁଅ

ରୀତିମତ ଗୋଟେ
ପୁରୁଣା କାଳିଆ ଢଙ୍ଗରେ-
ଆଜି ବି ମୁଣ୍ଡ ଟୁଙ୍ଗାରି ଥିଲା,
ଟିକି ଏଣ୍ଡୁଅ
ଠିକ୍ ତା' ମା' ଭଳି,
ଜଣେଇ ଦେଇଥିଲା -
ତୁମ ଆସିବାର ସଂକେତ।
ଖରାବେଳର ଡହଡହ ଖରାକୁ
ପଛରେ ପକେଇ ଧାଇଁ ଆସିଥିଲି,
ଚେଇଁ ରହିଥିଲି ପାହାନ୍ତା ପହର ଯାଏ-
ଆସିଲନି ତୁମେ।
ପ୍ରତୀକ୍ଷାର ନିଆଁ ଚନ୍ଦ୍ରାଲୋକ ଦେଇ
ଫୁଟି ଯାଉଥିଲା ତୀର ହୋଇ।
ଫେରି ଆସିଥିଲି-
କ୍ଷତାକ୍ତର ଲହୁକୁ ଆଞ୍ଜୁଳା ପରେ ଆଞ୍ଜୁଳା-
ଆକଣ୍ଠ ପାନ କରି,
ମୁଁ ପାଲଟିଗଲି ନୀଳକଣ୍ଠ।
ତଥାପି...
ନୂଆ ସକାଳର ଅପେକ୍ଷାରେ
ନିଜକୁ ନିଜେ ସାନ୍ତ୍ୱନା ଦେଲି,
କାଳେ ସତ ହେବ -ଏଣ୍ଡୁଅର କଥା।

ନୂଆ ଢଙ୍ଗ



ନିଦୁଆ ନିଦୁଆ ଆଖି ଯେତେବେଳେ
ଝାଉଁଳି ପଡ଼େ,
କୌଣସି ଏକ ଅଚିହ୍ନା ସ୍ୱପ୍ନର ପଲଙ୍କରେ-
ନିଜର ଚେତନାକୁ ହରେଇ,
ଖୋଲିଯାଏ ଖଣ୍ଡିଏ ଖଣ୍ଡିଏ
ଅନୁଭୂତିର ମାନଚିତ୍ର ।
ଉଡ଼ିଆସି ଲାଖିଯାଏ-
ସ୍ମୃତିର ଅବାଞ୍ଛିତ ବାଲି,
ମନ୍ଥିହୋଇ ଭାସିଉଠେ-
ଅବିଶ୍ୱାସର ହଳାହଳ ।
ଭୟଙ୍କର ନାଦ କରି
ମାଡ଼ିଆସେ ଆତଙ୍କର ଲହଡ଼ି ।
ଭାଙ୍ଗିଦିଏ ଆଶାର
ଛୋଟ ଛୋଟ ସ୍ତୁପ-
ଲୁଚେଇ ଦିଏ ସବୁ କିଛି
କାଳର କରାଳ ସ୍ରୋତରେ
ତଥାପି ଅପେକ୍ଷା ଥାଏ ଫଗୁଣର ,
ଯିଏ ଭରିଦେବ-
ଝାଉଁଳା ଆଖିରେ ରଙ୍ଗ ଆଉ ଅସରନ୍ତି ସ୍ୱପ୍ନ,
ଦେଖେଇ ଦେବ ବଞ୍ଚିବାର
ନୂଆ ନୂଆ ଢଙ୍ଗ ।

❋

Source: Author, Digitized by PPRACHIN, SOA

ଧ୍ରୁବ ଲକ୍ଷ୍ୟ



ଅଜଣା ପଥରେ ପଥିକଟିଏ ମୁଁ
ଜାଣେ ନାହିଁ ଲକ୍ଷ୍ୟ ସ୍ଥଳ,
ମୋ ପଥର ନାହିଁ ଆଦି ଅବା ଅନ୍ତ
ରାସ୍ତା ସର୍ପ ମାଳ ମାଳ ।
ଆଗକୁ ଚାହିଁଲେ ଲାଗେ ଅସହାୟ
ଖାଲ ଢିପ ସମାହାର,
ଚାରି ଆଡେ ଖାଲି ହୃଦ ବିଦାରକ
ଶବ୍ଦ ଗୋଳା ବାରୁଦର ।
ଦୂରରୁ ଶୁଭୁଛି ଖିଲି ଖିଲି ହସ
ଧ୍ରୁବ ଲକ୍ଷ୍ୟଟି କାହିଁ ?
ଉପହାସ କରେ କାହିଁ କେତେ ଦୂରେ
ସେ ସବୁ କି ମୋର ପାଇଁ !
କେତେବେଳେ ମୋର ଅପାରଗତାକୁ
ଆଡ଼ ଦୃଷ୍ଟି ନିକ୍ଷେପୁଛି,
କେତେବେଳେ ପୁଣି ଖଦ୍ୟୋତ ଆଲୋକେ
ସୂର୍ଯ୍ୟ ନିଆଁ ଜଳାଉଛି ।
ଅନ୍ୟ ଦିଗରେ ଆମନ୍ତ୍ରଣ କରେ
ସୁଗନ୍ଧିତ ପୁଷ୍ପ-ଫଳ,
ସଜାଇ ଆସନ ସୁମିଷ୍ଟ ବ୍ୟଞ୍ଜନ
ସେ ନୁହେଁ ତ ହଳାହଳ ?

❋

Source: Author, Digitized by PPRACHIN, SOA

ଦୂରତା

କମେଇ ଦିଅ ଏ' ଦୂରତାକୁ,
ଯାହା ଲମ୍ବି ଯାଇଅଛି-କ୍ଷୁଦ୍ର ନୀଡ଼ ଠାରୁ
ସୁଦୀର୍ଘ ଆକାଶ ଯାଏ,
ଟିକି ଶାମୁକା ଠାରୁ
ବୃହତ ସାଗର ଯାଏ,
ମୋ ମନ ଠାରୁ
ତୁମ ହୃଦୟ ଯାଏ।

ନେଇ ଯାଅ ମୋତେ ସେଇଠାକୁ-
ଯେଉଁଠି ମୁଁ ଉଡ଼ିଉଡ଼ି ବୁଲିବି
ତୁମ ବକ୍ଷ ଛୁଇଁ,
ବୁଡ଼ିବୁଡ଼ି ନାଚିବି
ତୁମ ଗଭୀରତା ଛୁଇଁ,
ଲୁଚିଲୁଚି ଜୀଇଁବି
କେବଳ ତୁମରି ପାଇଁ।

*

Source: Author, Digitized by PPRACHIN, SOA

ମୁଁ ଚାହେଁ

ତୁମ ହୃଦୟର ବିଶାଳ ସାଗରରେ
ମିଶିଯିବାକୁ ଇଚ୍ଛା ହୁଏ,
ନଦୀର ଧାରାଟିଏ ହୋଇ,
ଲମ୍ଫ ଦେବାକୁ ଇଚ୍ଛା ହୁଏ -ନଦୀର ସ୍ରୋତରେ
ପର୍ବତ ଶିଖରରୁ ପ୍ରପାତଟିଏ ହୋଇ,
ବିଛି ହେଇଯିବାକୁ ଇଚ୍ଛା ହୁଏ, କଠିଣ ଚଟାଣରେ
ଉସ୍ୱକୂପଟିଏ ହୋଇ,
ଝରିଯିବାକୁ ଇଚ୍ଛା ହୁଏ,ମରୁବାଲିରେ
ବର୍ଷାର ଟିକିବିନ୍ଦୁ ହୋଇ,
କିନ୍ତୁ...
ରହି ଯିବାକୁ ମୁଁ ଚାହେଁ,
ତୁମ ଇଚ୍ଛାର ଅନୁଭୂତିଟିଏ ହୋଇ।



Source: Author, Digitized by PPRACHIN, SOA

ଭିନ୍ନ ପରିଚୟ



ଘୋଟି ଆସୁଥିବା ଓଜନିଆ ମେଘ
ଯେତେବେଳେ କଳା ଶାଢ଼ୀରେ ଢାଙ୍କିଦିଏ
ତା'ର ପୁଙ୍ଗୁଳା, ଶୁଭ୍ର ଶରୀରକୁ,
ତୁମେ ଆସ,ତୁମ ସହ ଆସେ-
ଯେତେ ସବୁ ଚପଳତା ଆଉ ଦୁଷ୍ଟତା ।
ବାଦଲ ଯେତେବେଳେ ଖସିଯାଏ-
ତା'ର ଶେଷ ସୀମାକୁ, ଲାଗେ ଯେମିତି
ଓଢ଼ଣା ଟାଣି ବସିଛ ତୁମେ,
ନିଶା ଛାଇଥିବା ଲାଜୁଆ ଚାହାଣୀ ସହ
ଟାଣି ହୋଇ ଯାଏ ନାଲି ଓଠରେ
ଛୋଟ ଛୋଟ ହସ ।
ଘନ ଯେତେବେଳେ ନିଜର ଘନତା ଛାଡ଼ି ଝରିପଡ଼େ
ରିମ୍ ଝିମ୍ ହୋଇ,
ତୁମେ ଲୋଟି ଯାଅ ଧରା ବକ୍ଷରେ
ନିଜର ଅସ୍ତିତ୍ୱକୁ ଅଜାଡ଼ି ଦେଇ
ନିସ୍ୱ ହୋଇ ମଧ ଖୋଜି ଚାଲ
ନିଜ ପାଇଁ ଭିନ୍ନ ପରିଚୟ ।

❋

Source: Author, Digitized by PPRACHIN, SOA

ଛଳନା



ଏବେ ତୁମେ କହୁଛ -
ଭୁଲି ଯିବା ପାଇଁ,
ଭୁଲିବାଟା କ'ଣ ଏତେ ସହଜ କଥା !
ସାମାନ୍ୟ ଝଡ଼ରେ
ସ୍ମୃତିର ପୁରୁଣା ପତ୍ରଗୁଡ଼ିକ
ଦୂରେଇ ଯିବ-
ଆପଣା ଠାରୁ ବହୁ ଦୂରକୁ
ନିଜସ୍ୱ ସତ୍ତା ହରେଇ ?
ମନଟା କ'ଣ ଛୋଟ ପିଲାର ଅ,ଆ ଲେଖା
ସିଲଟ ପରି ଜିନିଷ ଯେ-
ଓଦା କନାର ସ୍ପର୍ଶ ମାତ୍ରେ
ଲିଭେଇ ଦେବ ଚକ୍‌ଖଡ଼ିର ଗାରଗୁଡ଼ିକୁ,
ନିଜକୁ ଭିଜେଇ ?
ଏଇ ସ୍ମୃତି କ'ଣ
ଶାମୁକା ଭିତରେ ଚକ୍‌ମକ୍ କରୁଥିବା
ମୋତି ଭଳି ଶୁଭ୍ର ନୁହେଁ ?
ଯାହାର ଖୋଳପାକୁ
ଖୋଲି ନପାରିବାର ଅକ୍ଷମତାକୁ,
ତୁମେ ଦିନେ କହିଥିଲ-
ଛଳନାର ଅନ୍ୟ ନାମ-ଭୁଲିଯିବା ।

Source: Author, Digitized by PPRACHIN, SOA

ପରିତ୍ୟକ୍ତା

ବିରହ ଜ୍ୱାଳାରେ ଛଟପଟ ହୋଇ
ତୁମ ଠାରୁ ଦୂରେଇ
ନିଜକୁ ନିଜ ଠାରୁ ବିଚ୍ଛିନ୍ନ କରିଥିବା,
ତୁମ ସ୍ପର୍ଶ ବିନା
ଶୁଷ୍କ ଓ ନିଷ୍ଠୁର ହୋଇ ଥିବା
ପରିତ୍ୟକ୍ତା ଧରଣୀ ।

ଅପେକ୍ଷା କରିଛି ଏବେବି...
ତୁମ ଆଗମନରେ
ହସି ଉଠିବେ ତରୁଲତା,
ତୁମ ଦର୍ଶନରେ
ନାଚି ଉଠିବ ମୟୂର,
ତୁମ ସ୍ପର୍ଶରେ ଦୂରେଇଯିବ
ସବୁ ଦୁର୍ବଳତା,
ଆରମ୍ଭ ହେବ ନୂତନ ସୃଜନର ଆଶା ।

❋

Source: Author, Digitized by PPRACHIN, SOA

ଫେରିଆସ



ଓହ୍ଲେଇ ଆସ ସ୍ୱପ୍ନର ଝାପ୍ସା ଆଲୁଅରୁ
ଜୀବନର ବାସ୍ତବତାକୁ।
ବିଚ୍ଛେଦର କଷ୍ଟ
କଳା ନାଗୁଣୀ ହୋଇ ଦଂଶିବା ପୂର୍ବରୁ,
ଅନ୍ୟ ଦୁଇ ବାହୁ ଲକ୍ଷ୍ମଣ ରେଖା ହୋଇ
ଆମ ମଝିରେ ଠିଆ ହେବା ପୂର୍ବରୁ,
ତୃଷାତୁରର ମୃତ୍ୟୁ ପୂର୍ବରୁ
ଫେରି ଆସ ଜୀବନର
ଅଜଣା ଭବିଷ୍ୟତକୁ।
ସିଞ୍ଚି ଦିଅ ମୋ'ଦେହରେ
ସଞ୍ଜିବନୀର ବର୍ଷା,
ଆବଦ୍ଧ କରିଦିଅ ହୃଦୟର
ସୁଉଚ୍ଚ ପ୍ରାଚୀର ମଧ୍ୟରେ
ଯେଉଁଠି ପହଞ୍ଚିବ ନାହିଁ,
ଯମର କାଳଫାସ ଅବା
ସମାଜର ଲମ୍ବା ହାତ।

*

Source: Author, Digitized by PPRACHIN, SOA

ମୋ ପ୍ରଶ୍ନର ଉତ୍ତର

ଆକାଶକୁ ଚାହିଁ ପଚାରିଦେଲି ମୁଁ
ତୁମେ ଭଲପାଅ କାହାକୁ ?
ତଳକୁ ଆସି ସେ ଛୁଇଁ ଦେଇଗଲା
ତାର ପ୍ରିୟା ମାଟି ଦେହକୁ ।

ପଚାରିଲି ଆଗୋ ପଙ୍କଜିନୀ ତୁମେ
ଉପରକୁ କିଆଁ ଚାହୁଁଚ ?
ଲାଜରେ ଝାଉଁଳି ଠାରି ଦେଇଗଲା
ତାଙ୍କ କଥା କିଆଁ କହୁଚ !

ମୟୂରୀର ନାଚ ଦେଖି ପଚାରିଲି
ତୁମେ ରସିଅଛ କାହାକୁ ?
ମୋ' କଥାକୁ ଶୁଣି ହସି କହିଦେଲା-
ଆକାଶେ ଦେଖୁଛ ଯାହାକୁ ।

ନଦୀଟିଏ ଦେଖି ପଚାରିଲି ମୁହିଁ
ତୁମେ ଯାଅ କାହା ପାଖକୁ ?
କୁଳୁ କୁଳୁ ନାଦେ ହସି ଦେଇଗଲା
ନୀଳ ସାଗରର କୋଳକୁ ।

*

Source: Author, Digitized by PPRACHIN, SOA

ପ୍ରେମ

ସମର୍ପଣ ନଦୀରେ ବୁଡ଼ିଯିବାର ଆଶାରେ
ହଜି ଯିବାର ବାସନା,
ତ୍ୟାଗର ଦୀପରେ ଜଳି ଯିବାର ଭରସାରେ
ଆଲୋକର କାମନା,
ବିଶ୍ୱାସର ଫୁଲରେ ମହକିବାର କଳ୍ପନାରେ
ପବିତ୍ରତାର ଇପ୍ସୁସା,
ସତ୍ୟର ଖୁଣ୍ଟରେ ବାନ୍ଧିହେବାର ଭାବନାରେ
ଛନ୍ଦି ହେବାର ଲିପ୍ସୁସା,
ମନର ନାଆରେ ଭାସି ଯିବାର ତୃଷ୍ଣାରେ
ସୀମା ଲଙ୍ଘିବାର ଇଚ୍ଛା ,
ସର୍ଜନାର ମହ ମହ ଆକାଂକ୍ଷାରେ
ପ୍ରେମରେ ନଥାଏ ବାଞ୍ଛା ।

❋

Source: Author, Digitized by PPRACHIN, SOA

ପ୍ରତିଶ୍ରୁତି



ଆସିବ କହି ଠକି ଦେଲ,
ପୁଣି ଥରେ-ଠିକ୍ ପୂର୍ବଥର ଭଳି,
ସବୁତକ ଆଶାକୁ
ସାକାର କରିବାର ଭରସା ଦେଇ,
ଅଧା ବୁଣା ସ୍ୱପ୍ନର ଜାଲକୁ
ନିଜ ମନରେ ଛନ୍ଦି ଦେଇ,
ଲିଭି ଆସୁଥିବା ମସାଲ୍‌ରେ
ସଳିତା ହେବାର ଆଶ୍ୱାସନା ଦେଇ-
କଞ୍ଚା ହାଣ୍ଡିର ଜୀବନକୁ
ଶକ୍ତ କରିବାର ପ୍ରତିଶ୍ରୁତି ଦେଇ,
ସହିଥିଲି ଯାତନା ତୁମକୁ ପାଇବାକୁ
ମୋ ମନର ଆସନ ଦେଇ
ଚାଲିଗଲ ବହୁ ଦୂରକୁ ସାଥୀ ହେବାର
ଛୋଟ ବଡ଼ କଥା ଦେଇ।

Source: Author, Digitized by PPRACHIN, SOA

ସ୍ମୃତି



ସ୍ମୃତି ଗୁଡ଼ିକ ଯଦି ଶାମୁକା ହୋଇ
ଭାସି ଆସି ନଥା'ନ୍ତେ,
ମୋ ମନର ନୀଳ ସାଗରର ବେଳା ଭୂମିକୁ ,
ଖୋସଣିରେ ସାଇତି ରଖି ନଥା'ନ୍ତି-
ରଙ୍କୁଣିର ଗଣ୍ଠି ଧନ କରି ।

ସ୍ମୃତି ଗୁଡ଼ିକ ଯଦି ଆକାଶ ହୋଇ
ଲମ୍ବିଯାଇ ନଥା'ନ୍ତେ,
ଏନ୍ତୁଡ଼ିଶାଳରୁ ମଶାଣି ପର୍ଯ୍ୟନ୍ତ,
ତା'ର ସୀମାରେଖା ଦେଖିବାକୁ
ଘୁରିବୁଲି ନଥା'ନ୍ତି
ଯାଯାବର ହୋଇ ।

ସ୍ମୃତିଗୁଡ଼ିକ ଯଦି ବର୍ଷା ହୋଇ
ଝରିଯାଇ ନଥା'ନ୍ତେ
ମୋ' ତନୁ ଠାରୁ ମନକୁ ଛୁଇଁ ଛୁଇଁ
ବାଦଲ ଖଣ୍ଡ ଦେଖି
ନାଚି ଉଠି ନଥା'ନ୍ତି
ତା' ଭିତରେ ଭିଜିଭିଜି
ନିଜକୁ ହଜେଇଦେଇ ।

Source: Author, Digitized by PPRACHIN, SOA

ସ୍ମୃତିଗୁଡ଼ିକ ଯଦି ପର୍ବତ ହୋଇ
ଛୁଇଁ ନଥା'ନ୍ତେ- ଅତୀତ ଓ ଭବିଷ୍ୟତକୁ,
ତା'ର ଶୀର୍ଷରେ ପହଞ୍ଚିବାକୁ
ଅରୋହଣ କରି ନଥା'ନ୍ତି
ବାଡ଼ିଟିର ଆଶ୍ରାରେ ଅକର୍ମଣ୍ୟ ଗୋଡ଼କୁ ନେଇ।

ସ୍ମୃତି ଗୁଡ଼ିକ ଯଦି ସମୁଦ୍ର ହୋଇ
ରହି ନଥା'ନ୍ତେ ମନର ଅଥଳ ଜଳରେ,
ଗଭୀରତା ମାପିବାକୁ ଯାଇ ନଥା'ନ୍ତି ବୁଡ଼ିବୁଡ଼ି
ତା'ର ଲମ୍ବା ଲହଡ଼ିର ଧକ୍କା ସହି।

ସ୍ମୃତି ଗୁଡ଼ିକ ଯଦି ମୋର ହୋଇ
ଛନ୍ଦିହୋଇ ଥା'ନ୍ତେ
ଅନ୍ୟ କାହା ସ୍ମୃତିରେ
ଆଜି ମୁଁ ବାନ୍ଧି ହୋଇ ନଥା'ନ୍ତି-
ସମାଜର କଠୋର ଶିକୁଳିରେ
ନିଜର ହାତକୁ ଦେଇ।



Source: Author, Digitized by PPRACHIN, SOA

ସବୁ ମୋତେ ଦେଇଛ

ଜାବୁଡ଼ି ରଖିଛ ତୁମେ ମୋ ଭିତରର ଚପଳତାକୁ
ଭସା ବାଦଲର ଖଣ୍ଡ ହୋଇ,
ଭିଜେଇ ଦେଇଛ ନିଷ୍ଠୁରତାକୁ
ବର୍ଷାଜଳର ବିନ୍ଦୁ ହୋଇ,
ସହି ଯାଇଛ ଦୁନିଆର ଅନେକ ପଦାଘାତ
ରାସ୍ତା କଡ଼ର ପଥର ହୋଇ,
ବିଚ୍ଛୁରିତ ହୋଇଛ ଧୂଳିକଣା ଭଳି
ଅତ୍ୟାଚାରର ଚାବୁକ୍ ସହି,
ଝାଞ୍ଜି ହୋଇ ବହିଯାଇଛ ।

ମୋ କଳଙ୍କକୁ ଆପଣେଇ ନେଇ,
ଆଉଜେଇ ନେଇଛ ପୁଣି ଛାତି ଉପରକୁ
ସମସ୍ତ ଯାତନାର ବୋଝକୁ ମୁଣ୍ଡେଇ,
ରାତ୍ରିର ଅନ୍ଧକାରକୁ ଆଲୋକିତ କରିଛ
ସୂର୍ଯ୍ୟ ଠାରୁ ଅଧିକ ନିଜକୁ ଜଳେଇ,
ସବୁ ମୋତେ ଦେଇଛ ନିଜଠାରୁ ଛଡ଼େଇ
ସ୍ୱପ୍ନ ଏବେ ଦିଅ ତୁମ ରଖିଥିବି ସଜେଇ ।



❀

Source: Author, Digitized by PPRACHIN, SOA

ନିସଙ୍ଗ ରାତ୍ରିର ସ୍ତବ୍ଧତା



ନିସଙ୍ଗ ରାତ୍ରିର ସ୍ତବ୍ଧତା
ମାଡ଼ିଆସେ ଭାରି ହୋଇ,
ଯେତେ ଚେଷ୍ଟା କଲେବି-
 କମେନି ତାରାମାନଙ୍କ ସଂଖ୍ୟା,
ପ୍ରତ୍ୟେକ ଚକ୍‌ଚକ୍ କରି ଦେଖେଇ ଦିଅନ୍ତି-
ବିଭିନ୍ନ ରଂଗରେ ରଞ୍ଜିତ
ବିକୃତ ମୁହଁ ସବୁ।
ଯାହାର ଭୟରେ ଆତଙ୍କିତ ହୋଇ ଲୁଚି ଯାଏ
ଯେତେ ସବୁ ବର୍ତ୍ତମାନ,
ନିଜର ଭୀରୁତା ପାଖରେ ହାର ମାନି-
ଦୂରରୁ ଚିତ୍କାର କରେ ଭବିଷ୍ୟତ
ଖୁବ୍ ବିକଳ ହୋଇ।
ତା'ର ସବୁ ଉଦ୍ୟମର ବିଫଳତାରେ
ଅଟ୍ଟହାସ୍ୟ କରି ଫୁଟି ଉଠନ୍ତି ଆଉ କେତୋଟି ତାରା,
ଜୁଳୁଜୁଳୁ ହୋଇ ଆକାଶ ସାରା ବିଛି ହୁଅନ୍ତି,
ଠେଲାପେଲା କରି ପଠାନ୍ତି ମୁଖିଆକୁ,
ତା'ର ଆଲୋକରେ ଲାଗିଯାଏ ନିଆଁ
ବଳକା ଜାଗାମାନଙ୍କରେ।
ଲୁହ ବନ୍ୟାର ଭଉଁରୀରେ ମାଡ଼ିହୋଇ ଲୁଚିଯାଏ
ଆଉ କେତୋଟି କ୍ଷତ।
ନିଜକୁ ପ୍ରସ୍ତୁତ କରିନିଏ ସହିବାକୁ
ସାରା ଜୀବନର ନିସ୍ତବ୍ଧତାକୁ,
ସାଉଣ୍ଟି ନିଏ ଇଆଡ଼େ ସିଆଡ଼େ ପଡ଼ିଥିବା
ବିକ୍ଷିପ୍ତ ଖଣ୍ଡିତ ହୃଦୟର ଅଂଶ ବିଶେଷ।

Source: Author, Digitized by PPRACHIN, SOA

ଗଛ



ଅନେକ ଆସନ୍ତି,ବସନ୍ତି
ବାହୁ ରୂପକ ଶାଖାତଳେ
ଥକ୍କା ମେଣ୍ଟାନ୍ତି,ଫଳ ଖାଆନ୍ତି,
ମନ ହେଇଗଲେ ରକ୍ତ ପରି
ରସ ନିଗାଡନ୍ତି ।

ନିରସ ଡାଳରେ ହୋଲି ଜାଳନ୍ତି
ସେ ସବୁ କେବଳ ନିଜସ୍ୱାର୍ଥ ପାଇଁ ।
କେହି ତ କେବେ କାହିଁ ,ପଚାରି ନାହିଁ
ତା'ର ଆବଶ୍ୟକତାକୁ ।

କେହି ତ କେବେ ଭାବି ନାହିଁ
ତା'ମୂଳରେ ଢାଳେ ପାଣି ଦେବାକୁ
ଅବା ସୁରକ୍ଷା ପାଇଁ ବାଡ ପୋତିବାକୁ ।
ତଥାପି ଗଛ ଠିଆ ହୋଇଛି
ଅତିଥିର ତାଡନା ସହିବାକୁ,
ନିଜକୁ ତିଳ ତିଳ କରି ,ଅନ୍ୟକୁ ବାଣ୍ଟି ଦେବାକୁ ।

*

Source: Author, Digitized by PPRACHIN, SOA

ଲୁଚକାଳି

ଜହ୍ନ ଆଜି ବି ଲୁଚକାଳି ଖେଳେ-
ତା' ଆଖି ପାଖର ତାରାମାନଙ୍କ ସାଙ୍ଗରେ
କେତେ ବେଳେ ଜାହାଜ ଭିତରେ ତ
ଆଉ କେତେବେଳେ ଧଳା ରେଶମରେ ।
ଧରା ପଡିଗଲେ ହସିଦିଏ-
ତା'ହସରେ ଆଲୋକିତ ହୋଇଯାଏ ଧରା ପୃଷ୍ଠ,
ଘେରି ଯାଆନ୍ତି ସମସ୍ତେ,
ଭାବନ୍ତି-"ଆଉ ଯିବନି ସେ-କାହାକୁ ଛାଡି",
ସେ କିନ୍ତୁ ଛାଡି ପାରେନି
ତା'ର ନିତି ଦିନିଆ ଅଭ୍ୟାସକୁ,
ସମୟ ଆସେ-ଦିନ ପରେ ରାତି ଆସି
ପୁଣିଥରେ ଦିନ ଆସେ,
ସେ ଆସେନି,
ଖୁବ୍ ବ୍ୟସ୍ତ ହୋଇ ଖୋଜନ୍ତି ତାକୁ
ଛୋଟ ବଡ ତାରାମାନେ ।
ଖିନ୍ ଭିନ୍ କରି ଖୋଜି ପକାନ୍ତି ସାରା ଆକାଶକୁ,
ତଥାପି-ପାଆନ୍ତି ନାହିଁ ଠିକଣା ।
ହତାଶ ହୋଇ ଫେରି ଯାଆନ୍ତି ନିଜ ନିଜ ଜାଗାକୁ,
ସେତେବେଳ ପର୍ଯ୍ୟନ୍ତ ବାକି ଥାଏ-
ଅନ୍ଧକାରର ରାଜତ୍ୱ ଆଉ
ଦୁଆରରେ ଜଗି ଥାଆନ୍ତି,
ଶୂନଶାନ୍‌ର ସୈନ୍ୟ ।

*

Source: Author, Digitized by PPRACHIN, SOA

ଫୁଲ

ଫୁଲ ଫୁଟି , ବାସ ଚହଟିବା ଆଗରୁ
ଖବର ପାଇ ଯାଆନ୍ତି-
ଛୋଟ ବଡ ଅନେକ ପ୍ରଜାପତି,
ବିଭିନ୍ନ ରଙ୍ଗର ଛିଟ ପୋଷାକ ପିନ୍ଧି-
ଉଡି ଆସନ୍ତି ବହୁତ ଦୂରରୁ ।
ଉଲ୍ଲସିତ ହୋଇ ଉଠନ୍ତି,ଉଭୟେ
କଥାବାର୍ତ୍ତା-ଚିହ୍ନା ଚିହ୍ନିର ପର୍ବରେ
ଖେଳିଯାଏ କେତେରଙ୍ଗ,
ଫୁଲ ଭୁଲିଯାଏ ନିଜର ସତ୍ତାକୁ,
ମାନେ ନାହିଁ ବୃକ୍ଷର ବାରଣକୁ ।
ପ୍ରଜାପତି ଆଲିଙ୍ଗନରେ
ବିଭୋର କଅଁଳ ଫୁଲ ବାରି ପାରେନା-
ପ୍ରତାରକର ଛଳନାକୁ।
ପ୍ରବଞ୍ଚକର ସାଥି- ମର୍ମାହତ ଫୁଲ ମଉଳିପଡେ ।
ବୃକ୍ଷର ପାଦତଳେ ପଡିରହେ-
କେତୋଟି ରଙ୍ଗହରା-ବାସହରା ପାଖୁଡା ।



Source: Author, Digitized by PPRACHIN, SOA

ଚିହ୍ନା -ଅଚିହ୍ନା

ଯେତେସବୁ ଚିହ୍ନାର ଅଡୁଆ ଖିଅରେ
ଛନ୍ଦି ହୋଇଯିବା ପରେ-
ମନହୁଏ ଚିହ୍ନିବାକୁ ,ଅନ୍ୟ ଏକ ଅଚିହ୍ନା ମୁହଁକୁ ।

ସେଇ ଅଚିହ୍ନା ମୁହଁର
ବିଶାଳ ମନ ସାଗରରେ ଲୀନ ହେବାକୁ,
ତାର ଅଚିହ୍ନା ସ୍ୱପ୍ନର ଗୁଡିସହ
ପକ୍ଷ ଝାଡି ଉଡିବାକୁ,
ଅଚିହ୍ନା ଖଣ୍ଡ ଖଣ୍ଡ ମେଘରେ ବସି
ଶୂନ୍ୟରେ ଭାସି ଯିବାକୁ
ଅଚିହ୍ନା ପଣର ଛୋଟ ବଡ ଗମ୍ଭୀର



ଫମ୍ପା ପଥର ଖୋଲରେ ଲୁଚି ଯିବାକୁ,
ହେଲେ, ଖୁବ ଇଚ୍ଛାହୁଏ-
ହେଇଯିବା ପାଇଁ ଚିହ୍ନା
ସେଇ ଅଚିହ୍ନା ପାଇଁ,
ଆଉ ଅଚିହ୍ନା-
ସବୁ ଚିହ୍ନାଙ୍କ ପାଇଁ ।

Source: Author, Digitized by PPRACHIN, SOA

ବାଲି ଘର

ପାଦରେ ଘୁଙ୍ଗୁର ବାନ୍ଧି
ମନ ଫୁଲାଣିଆ ଗୀତ ସ୍ୱରରେ ନାଚି ଯାଉଥିଲା
ଗାଆଁ ପାଖ ନଈ,
ତା'ପଣତରୁ ଗୋଟେଇ ନେଇଥିଲେ
ଛୋଟ ବଡ଼ ଶାମୁକା,
ଗଣୁଥିଲେ ଗଛର ନଡ଼ିଆ,
ନିତି ହେଉଥିଲା ବାଗୁଡ଼ି ଖେଳ.
ଆଉ ଧୀରେ ଧୀରେ ହଜି ଯାଉଥିଲେ
ଆମ ହାତ ଗଢ଼ା ବାଲିଘର ମଧ୍ୟରେ।
ସତରେ !
କେତେ ସୁନ୍ଦର ଥିଲା ସେ ପିଲାଦିନ,
ଯାହାକୁ ଛୁଇଁ ନଥିଲା
କୌଣସି ଛଳନା ବା ଅହଂକାର।
ଆଜି କିନ୍ତୁ ହଜି ଯାଇଛି-
ସେ ଗାଆଁ,ନଡ଼ିଆ ଗଛ,ଶାମୁକା ଓ ତୁମେ
ହେଲେ ରହିଯାଇଛି ,ମୋ'ଭିତରେ ଅଜାଣତରେ
ଗୋଟେ ଭଙ୍ଗାରୁଜା ମନ ଓ କେତୋଟି ବାଲିଘର।

Source: Author, Digitized by PPRACHIN, SOA

ପାହାଚ



ଆଗକୁ ଆଗକୁ ଲମ୍ବି ଯାଇଛି
ଅନେକ ଗୁଡ଼ିଏ ପାହାଚ,
ସେଇ ପାହାଚକୁ ନେଇ ସିଡ଼ି
ଆଉ ସିଡ଼ି ଚଢ଼ିବାକୁ ଶକ୍ତି ।
ଘର ଅଗଣାକୁ ଚିହ୍ନୁ ଚିହ୍ନୁ
ଗୁରୁଣ୍ଡି ଗୁରିଣ୍ଡି ସରିଯାଏ
କେତୋଟି ପାହାଚ ଅଜାଣତରେ ।
ବହିପତ୍ରର ଗୋଲ ଗୋଲ ଅକ୍ଷର ଦେଇ
ଚାଲିଯାଏ-ଆଉ କେତୋଟି ପାହାଚ,
ଯୋଗ୍ୟତାର ପ୍ରମାଣ ପରି
ହାତରେ,ପାଦରେ ଭରିଯାଏ
ଅମାପ ଶକ୍ତି,
ସବୁ ସହି ମାଡ଼ିଯିବାର ଇଚ୍ଛା ।
ପାହାଚ ପହଞ୍ଚେ ପୁଣି ଅନ୍ୟ କାହା ଘରେ-
ସାହାରା ହେବାକୁ ଅବା ଦେବାକୁ,
ଧୀରେ ଧୀରେ ଦେଖା ଦିଏ-ଶେଷ ପାହାଚର ଚଟାଣ,
ଆଗକୁ ଯିବାକୁ କମିଯାଏ ବଳ ।
ଦରକାର ହୁଏ ବାଡ଼ିର ଅଶ୍ରା,
ଜନ୍ମରୁ ମୃତ୍ୟୁ ଚାଲି ଚାଲି ଥକି ଗଲେବି-
ସରେନି ସେ ସିଡ଼ି କିମ୍ବା ପାହାଚ,
ସେ କିନ୍ତୁ-
ଦୂରରୁ ଅକର୍ଷିତ କରେ ଅଦୃଶ୍ୟ ଭାବରେ
ନିଜ ପାଖକୁ,
ଯାହା ଛୁଇଁ ଯାଇଥାଏ-
ଖୁବ ଉର୍ଦ୍ଧ୍ବ କୁ ଏବଂ ମୋକ୍ଷର ଦ୍ୱାର ଦେଶକୁ ।

Source: Author, Digitized by PPRACHIN, SOA

ତୁମେ ଗଲେ

ତୁମେ ଗଲେ ଫଗୁଣ ଆସିବ
ନଥିବ ସେଥିରେ ରଂଗର ଢେଉ,
ବର୍ଷା ହେଲେ ମାଟି ଭିଜିବ
ତଥାପି ଥିବ ଅତୃପ୍ତିର ବିନ୍ଦୁ,
ନିଦ ହେଲେ ସ୍ୱପ୍ନ ଆସିବ
ଛାଇଥିବ କାଳିମାର ରେଖା,
ରାତି ହେଲେ ଜହ୍ନ ଆସିବ
ଘୋଟିଥିବ କଳା ମେଘ,
ଫୁଲ ଫୁଟିଲେ ବାସ ଚହଟିବ
ବାଜି ନଥିବ ସୌନ୍ଦର୍ଯ୍ୟର ସ୍ପର୍ଶ।

❋

Source: Author, Digitized by PPRACHIN, SOA

ଦୁର୍ବାସା

ପୁନଶ୍ଚ ଦୁର୍ବାସା ହୋଇ
ଚାଲି ଆସିଛ ତୁମେ-
ମହାଭାରତର ପୃଷ୍ଠାକୁ ଚିରି;
ବନବାସର କଷ୍ଟଠାରୁ ଦୁର୍ବିସହ
ଏ' ଜୀବନକୁ।
ତୁମ ହସ୍ତରେ,ବାକ୍ୟରେ ଓ ଚକ୍ଷୁରେ
ପୂର୍ବପରି ବିଦ୍ୟମାନ
ସର୍ବନାଶର କ୍ରୋଧାଗ୍ନି।
କର୍ଣ୍ଣକୁ ବଧ କରିବାର ଶକ୍ତି ରଖୁଥିବା ଅର୍ଜୁନ
ଅସମର୍ଥ ଆତ୍ମରକ୍ଷା ପାଇଁ,
ସମସ୍ତ ଅନ୍ନକୁ ଗ୍ରହଣ କରି ମଧ
ଅସନ୍ତୁଷ୍ଟ ସଖା,
ଭୟରେ ଆତଙ୍କିତା ପାଞ୍ଚାଳୀ।
ଅପେକ୍ଷା କରିଛି ହତାଶ ହୋଇ-
ମୁଣ୍ଡ ନୁଆଁଇ ସହିବାକୁ ହେବ,
ଅନାଗତ ବାତ୍ୟାର ତାଣ୍ଡବ
ଏବଂ ...
ତୁମ ଅଭିଶାପର ଲାଭା ।

❋

Source: Author, Digitized by PPRACHIN, SOA

ଛାଇ

ଯେତେ ଥର ଚାହିଁଲେ ବି
ଲୁଚି ପାରେନି -
ନିଜ ଛାଇଠାରୁ ଅଲଗା ହୋଇ ।
ସୁଖରେ, ଦୁଃଖରେ
ହସରେ, କାନ୍ଦରେ
ବନ୍ଧୁଟିଏ ହୋଇ -
ଚାଲେ ସାଥିରେ ।
ପ୍ରତିଟି କର୍ମର ନୀରବ ସାକ୍ଷୀ ହୋଇ
ବାରମ୍ବାର ଚେତେଇ ଦିଏ
ବର୍ତ୍ତମାନର ସ୍ଥିତିକୁ ।

ବେଳେ ବେଳେ ଶତ୍ରୁଟିଏ ପରି
ଆତଙ୍କିତ କରେ ।
ତା'ର ଲମ୍ବା ଲମ୍ବା ପାହୁଡ଼ ପକେଇ
ମାଡ଼ି ଆସେ -
ଭୟଙ୍କର ରୂପ ଧରି,
ବାରଣ କରେ, ପଛରୁ ଟାଣି ଧରେ,
କରେଇ ଦିଏନି କୁକର୍ମ ।

ଶତ ଚେଷ୍ଟା ପରେ ବି -
ତା'ର ହତ୍ୟା କରିବାରେ
ହୁଏ ଅସମର୍ଥ ।

ପୁଣି ବଳେ ଘୁରି ବୁଲେ ଚାରିପଟେ
ଟିକି ଅବୁଝା ପିଲାର
ଦୁଷ୍ଟାମୀ କରି ।

ସମସ୍ତେ ଛାଡ଼ିଯା'ନ୍ତି
ବେଳ ପଡ଼ିଲେ
କାହିଁ ! କେବେବିତ ଯାଏନି ସେ
ଏକାକରି ।

ଆରମ୍ଭରୁ ଶେଷ,
ଜନ୍ମରୁ ମୃତ୍ୟୁ,
ସବୁ କଷ୍ଟ ଆପଣେଇ
ଶେଷରେ ଜଳିଯାଏ
ଜୁଇ ମଧ୍ୟରେ
ସତୀ ନାରୀଟିଏ ପରି
ବିନା ଦ୍ୱିଧାରେ -
ବିନା ଆପତ୍ତିରେ ।

Source: Author, Digitized by PPRACHIN, SOA

ରାମରାଜ୍ୟ

ଆଜିବି ଡେଣା ଝାଡ଼ି ଝାଡ଼ି ଉଡ଼ିଯାଏ
ଶାନ୍ତିର କପୋତ
ମୁକ୍ତ ଆକାଶର ନୀଳିମା ଛୁଇଁ,
ତଥାପି -
ସ୍ୱପ୍ନ ସବୁ ଭାଙ୍ଗିଯାଏ
ପର ମୁହୂର୍ତ୍ତରେ,
ଫୁଟିଯାଏ ଆଖିରେ,
କୋମଳତାର ଶେଷ ସୀମା ଛୁଇଁ।
ନିଲାମ ହୋଇଯାଏ ପୁଣି
କେତେ ଯେ ଅଜଣା ରାସ୍ତାରେ
ଅବା ଜଣାଶୁଣା ଗଳିରେ।
ପେଟ ଟାଖଣ୍ଡକ ପାଇଁ
ସତ୍ତାର ଗାଦି ତଳେ
ଅଣ ନିଶ୍ୱାସୀ ହୁଏ
କେଇ ବୁନ୍ଦା ଲହୁ
ଝାଳ ରୂପରେ।
ଯୌତୁକ ନିଆଁରେ ଜଳିଯାଏ
ନିରୀହା ଆଶା।
ଆତଙ୍କର ବନ୍ୟାରେ ବଳି ପଡ଼ନ୍ତି
ଆଉ କେତୋଟି ଜୀବନ।
ଚାରିଆଡ଼େ ଖାଲି
ତାଣ୍ଡବ ଓ ତାଣ୍ଡବ।
ଆଜିର ତାରିଖରେ କିନ୍ତୁ
ଏଇ ହିଁ ରାମରାଜ୍ୟ,
ସ୍ୱାର୍ଥ ତା'ର ସୈନ୍ୟ।



Source: Author, Digitized by PPRACHIN, SOA

ନିଆଁ

ରାତି ପରେ ରାତି
ଦିନ ପରେ ଦିନ
କଟିଯାଏ କେତେ ଯେ ମୁହୂର୍ତ୍ତ,
ଏଇମିତି ଅପେକ୍ଷାରେ -
ଗଡ଼ିଯାଏ କାଳର
ଗଡ଼ାଣିଆ ରାସ୍ତାରେ ।
ତୁମେ ବି ଜାଣ -
ମୁଁ ବି ଜାଣେ
ଜଙ୍ଗଲରେ ନିଆଁ ଲାଗିଲେ
ମାଡ଼ି ଯାଏ ହୁତୁହୁତୁ ହୋଇ ।
ଛୁଇଁ ଯାଏ -
ସାରା ଦେହ
ପାଦଠାରୁ ତାଲୁ ଯାଏ -
ବାକି ରହେନି ଟିକେ ହେଲେ,
ବଳକା ଜାଗା ।
ବିଳମ୍ବର ଅଗ୍ନି ସ୍ଫୁଲିଙ୍ଗ -
ପୁଣି ଥରେ ଜାଳି ଦିଏ,
ଅଧିକରୁ ଅଧିକ
ପାଉଁଶ କରିଦିଏ
ତଳେ ପଡ଼ିଥିବା ପତ୍ର ସହ
ଆଖପାଖର ଶୁଖିଲା ଡାଳକୁ ।
ଝାଉଁଳି ପଡ଼େ -
ନରମତମ ଅଂଶଟି,
ଅଜାଣତରେ ଝରିପଡ଼େ
ଆଖିର କୋଣରୁ -
ମୁଠା ମୁଠା
ମରୁବାଲିର ରେଣୁ ।

❋

Source: Author, Digitized by PPRACHIN, SOA

ଜୀବନର ସତ୍ୟ

ସବୁ ଯେମିତି ବଦଳିଯିବ
ଏଇ ମୁହୂର୍ତ୍ତରେ,
ପ୍ରତିଟି ନିଶ୍ୱାସର ବ୍ୟବଧାନ ମଧ୍ୟରେ
ଘଟିଯିବ
ଗୋଟିଏ ଗୋଟିଏ ବ୍ୟତିକ୍ରମ।
ନିଶ୍ଚଳ ହୋଇଯିବ
ଝରଣାର ଜଳ
ନୀରବ ହୋଇଯିବ
କୋଇଲିର ତାନ,
କିଛିଟା ଏପଟ ସେପଟ ହୋଇ ମଧ୍ୟ
ରହିଯିବ ନିଜ ନିଜ ସ୍ଥାନରେ
ପୂର୍ବ ପରିଚିତ ପରି।
କିନ୍ତୁ
ଅଜାଣତରେ,
ରାତିରେ ବି ଆସିବ ଭାନୁ,
ଲାଜେଇ ଲାଜେଇ
ଥଣ୍ଡା ଓଢ଼ଣା ଢାଙ୍କି।
ତାରାମାନେ ଝରି ଆସିବେ
ରୂପବତୀ ପରୀର ରୂପରେ,
ସନ୍ତରଣ କରିବାକୁ
ଏଇ ଧରା ପୃଷ୍ଠରେ।
ହେଲେ ଜହ୍ନ ଜଳିଯିବ
ଦାଉ ଦାଉ ହୋଇ -
ତା'ର ସବୁ ଇନ୍ଧନକୁ
ଜାଳି ଦେଇ,
ଚାହିଁଲେ ବି ଯାଇପାରିବନି
ଦିନକୁ ଛାଡ଼ି
ଥରଟିଏ ଖାଲି ଫେରି ଚାହିଁ
ନିଜ ଅନ୍ତରକୁ
ଓ ମାନିନିଅ - ଜୀବନର ସତ୍ୟତାକୁ।



*

Source: Author, Digitized by PPRACHIN, SOA

ସ୍ପର୍ଶ

କେଉଁ ଏକ ଅଜଣା ତୁଳୀରେ
ଭରି ଦିଆଯାଇଛି ରଙ୍ଗ,
ଖାଲି ପଡ଼ିଥିବା ଶୁଖିଲା
ଆକାଶର ଓଢ଼ଣୀରେ।
ଝରିପଡ଼ିଛି ଛୋଟ ଛୋଟ
ମୋତିର ବିନ୍ଦୁ -
ତା'ର ଓଦା ଓଦା ସ୍ପର୍ଶରେ।
ଏଇ ସୁନା ସକାଳର
ବୁନ୍ଦା ବୁନ୍ଦା ଝରି ପଡୁଥିବା
କିରଣର ବିନ୍ଦୁର ଛୁଆରେ
ପୁଲକିତା ଧରା।
ଉନ୍ମାଦିତା ପୃଥ୍ୱୀ ନାଚିଯାଏ
ସବୁତକ ଜ୍ୟୋସ୍ନାକୁ
ନିଜ ଛାତିରେ ଜାବୁଡ଼ି
ନିଜର ବୋଲି ଆପଣେଇ ନେଇ,
ଯେତେ ସବୁ ବୀଜ ଲୁଚିଥା'ନ୍ତି
ତା' ଗର୍ଭ ମଧ୍ୟରେ
ଚାଲି ଆସନ୍ତି ପାଇବାକୁ .
ରେଣୁର ସାନିଧ୍ୟ।
ପ୍ରତିଟି ସ୍ପର୍ଶରେ ଉତ୍‌ଫୁଲ୍ଲିତ,
ଉଲ୍ଲସିତ ବୀଜ।
ଧୀରେ ଧୀରେ ଗଢ଼ିହୁଏ
ଅଙ୍ଗ, ପ୍ରତ୍ୟଙ୍ଗ,
ହାତ, ଗୋଡ଼, ମୁହଁ,
ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ
ଆସିବାକୁ ଚେଷ୍ଟିତ ଥାଏ
ଅବିରତ।



ଚାହେଁ ସେ ଅଧିକୁ ଅଧିକ
ଉନ୍ମୁକ୍ତ ସ୍ଥାନ।
ଧୀରେ ଧୀରେ ଫାଟିଯାଏ ବୀଜ,
ବାହାରକୁ ମୁଣ୍ଡ କାଢ଼ି ବାହାରି ଆସେ
ଛୋଟ ଅଙ୍କୁର,
ନୂଆ ଜୀବନ, ନୂଆ ସୃଷ୍ଟି,
ଦେଖିବାକୁ, ପାଇବାକୁ ଓ ଅନୁଭବ
କରିବାକୁ
ରଙ୍ଗୀନ ସୂର୍ଯ୍ୟର
କୋମଳ ସ୍ପର୍ଶ।

❋

Source: Author, Digitized by PPRACHIN, SOA

ହା-ଅନ୍ନ

ମୃତ ପ୍ରାୟ ବିଶାଳ ବୃକ୍ଷ
ପତ୍ରଝଡ଼ା ଦେଇ ଚାହିଁ ରହିଛି -
ଆକାଶର ବକ୍ଷକୁ ଛାଇ ଦେଇଥିବା।
ନୀଳିମାକୁ।
ତା' ଦେହରେ ଭାସି ଯାଉଥିବା
ଖଣ୍ଡ ଖଣ୍ଡ ଧଳା ବାଦଲକୁ।
ଦିନ ଥିଲା -
କଳା ମେଘ ପାଇଁ
ଭୁଲି ଯାଇଥିଲା ନିଜକୁ।
ନିଜର ମାଟିକୁ।
ଆଖପାଖର ଛୋଟ ବଡ଼ ଗଛକୁ।
ମାତି ଯାଇଥିଲା -
ମତୁଆଲା ହୋଇ।
ଗଗନକୁ ଛୁଇଁବାର ନିଶାରେ
କଢ଼େଇ ଦେଇଥିଲା
ଯଥା ସମ୍ଭବ
ଶାଖା ପ୍ରଶାଖାର ହାତ।
ମେଘର ଦର୍ଶନରେ
ଦୋହଲି ଯାଇଥିଲା
ଦେହ, ମନ,
କେତେ ଯେ ଖୁସି ସେ
ସାଉଁଟି ଧରିଥିଲା ନିଜ ପଣତରେ
କଷି କଷି ଫଳର ଭିତରେ।
ଏବେ ମଧ୍ୟ ସେ ଅଛି,
ଆକାଶ ଅଛି,
ହେଲେ -
ତା' ଦେହରେ ନାହିଁ
ସବୁଜ ଶାଢ଼ୀ,
କାନିରେ ନାହିଁ
ଛୋଟ ଛୋଟ ଫୁଲର ରଙ୍ଗ,
କିମ୍ବା -
ତା'କୁ ସ୍ନେହ କରୁଥିବା
ମେଘ ।
ତା'ର ରିମ୍‌ଝିମ୍ ବିନ୍ଦୁ,
ଚାରିଆଡ଼େ ଖାଲି -
ଶୋଷ,
ଶୁଖିଲା,
ମରୁଡ଼ି,
କଡ଼ମଡ଼ କରୁଥିବା ଡାଳ
ଓ ହା-ଅନ୍ନର ଚିତ୍କାର ।

❋

Source: Author, Digitized by PPRACHIN, SOA

ଅଘଟଣ

କିଛି ବି ତ ଭୁଲି ପାରି ନାହିଁ,
ସବୁ ଯେମିତି ରହିଯାଇଛି,
କେଉଁ କାଳର ଲୁପ୍ତ ପ୍ରସ୍ତର ପରି।
ତା'ର ପ୍ରତିଭା
ଏବେ ବି ଚମତ୍କାର ଏବଂ
ନୂଆ ପିଢ଼ିର ଆଦର୍ଶ ହେଲେ ମଧ୍ୟ
ପୁରୁଣା ।
ମୋନାଲିସାର ହସପରି
ବିସ୍ମୟଜନକ,
ତା' ମଧ୍ୟରେ ଭରି ରହିଥିବା
ହସ, କାନ୍ଦ, ଆଶ୍ଚର୍ଯ୍ୟ,
ଉଲ୍ଲାସ, ବିସାଦର ମିଶ୍ରଣ ପରି
ଅସ୍ପଷ୍ଟ।
କିଛିଟା 'କଚ୍ଛ'ର ଭୂମିକମ୍ପ ପରି
ଅହେତୁକ ହେଲେ ମଧ୍ୟ
ଘଟି ଆସୁଛି କାଳ କାଳ ଧରି
'ଏରସମା'ର ବାତ୍ୟା ରୂପରେ।
ସୂର୍ଯ୍ୟର ଉଦୟ ପରେ
ଦିନ ହେବା ଓ
ଦିନ ପରେ ରାତି ହେବାର
ନିୟତି ହେବା ପରେ ମଧ୍ୟ
କିଛିଟା ଘଟଣା ଅମାନିଆ ପିଲା ପରି
ଦୁଷ୍ଟାମୀ କରେ।
ଜିଦ୍ କରି ଘଟାଇ ଦିଏ
ଛୋଟ ବଡ଼ ଅଘଟଣ,
ଯାହାର ଶିକାର ହୁଅନ୍ତି-ଅନେକେ,
ଠିକ୍-ତୁମ ଓ ମୋ ଭଳି ଲୋକମାନେ ।



Source: Author, Digitized by PPRACHIN, SOA

କୁମାରୀ କଳିଙ୍ଗ କନ୍ୟା

ପିତା : ଡକ୍ଟର କୃତ୍ତିବାସ ନାୟକ
ଆକାଶବାଣୀ - ରାଉରକେଲା - ୪୨

କଳିଙ୍ଗ କନ୍ୟା ସଙ୍ଗୀତରେ ରୁଚି ରଖନ୍ତି । ଜଣେ ନୃତ୍ୟଶିଳ୍ପୀ ଭାବରେ ଦୂରଦର୍ଶନ କେନ୍ଦ୍ର ତଥା ସମ୍ବଲପୁର, କେନ୍ଦୁଝର ଓ ରାଉରକେଲାର ବିଭିନ୍ନ ସ୍ଥାନରେ କଥକ ନୃତ୍ୟ, ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଛନ୍ତି । ତାଙ୍କର କେତୋଟି କବିତା ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶିତ । 'ମିନିର କବିତା' ହେଉଛି - ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ । ସଂପ୍ରତି ସେ ସ୍ନାତକ କଳା ଛାତ୍ରୀ । ଆଗରେ ଅନେକ ସ୍ୱପ୍ନ ଆଉ ଅସଂଖ୍ୟ ପ୍ରତିଶ୍ରୁତି ।

Source: Author, Digitized by PPRACHIN, SOA